**୮୫୦୦ ବୋତଲ କଫ୍ ସିରପ୍ ଜବତ**

**ପୁରୀ ଅଫିସ:** ପୁରୀ ସହରକୁ ମଙ୍ଗଳବାର ବେଆଇନ ବିକ୍ରି ପାଇଁ ଆସୁଥିବା ୮,୫୦୦ ବୋତଲ (୮୫୦ ଲିଟର) କଫ୍ ସିରପ୍ ଜବତ କରାଯାଇଛି। ଏଥିସହ ୨ଟି କାର୍, ୪ଟି ମୋବାଇଲ ଫୋନ୍, ୧୦,୩୦୦ ଟଙ୍କା ଜବତ କରାଯାଇଥିବା ବେଳେ ୪ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ବାଲିପାଟଣାର ମୃତ୍ୟୁଞ୍ଜୟ ସାହୁ, ପୁରୁଣା ଭୁବନେଶ୍ୱରର ଦେବାଶିଷ ରାୟପିତମ, ଖଣ୍ଡଗିରିର ମନୋଜ କୁମାର ଭୂୟାଁ ଓ ପିପିଲିର ଜ୍ୟୋତିଷ କୁମାର କାନୁନ୍‌ଗୋ।

## ସଂକ୍ଷେପରେ

### ‘ଅରଣ୍ୟ’ ପରିଦର୍ଶନ କଲେ ଜଙ୍ଗଲ ମନ୍ତ୍ରୀ

**ଭୁବନେଶ୍ୱର, ୧୮।୮(ବ୍ୟୁରୋ):** ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମଙ୍ଗଳବାର ପୂର୍ବାହ୍ନରେ ଭୁବନେଶ୍ୱର ରାମକୃଷ୍ଣ ମିଶନ ରୋଡ୍‌ସ୍ଥିତ ଫରେଷ୍ଟ ରେଷ୍ଟ ହାଉସ୍ ‘ଅରଣ୍ୟ’କୁ ଅଚାନକ ପରିଦର୍ଶନ କରିଛନ୍ତି। ସେଠାରେ ଇଡ୍‌କୋ ଦ୍ୱାରା ନିର୍ମାଣ ଚାଲିଥିବା ରେଷ୍ଟ ହାଉସ୍‌ର ସମସ୍ତ କାର୍ଯ୍ୟକୁ ଆସନ୍ତା ସେପ୍ଟେମ୍ବର ୩୦ତାରିଖ ସୁଦ୍ଧା ଶେଷ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ବାହନ ଚାଳକମାନଙ୍କ ପାଇଁ ନୂତନ ରେଷ୍ଟ ଶେଡ୍ ଓ ପର୍ଯ୍ୟାପ୍ତ ପରିମାଣର ଶୌଚାଳୟ ନିର୍ମାଣ କାର୍ଯ୍ୟ ତୁରନ୍ତ ସାରିବା ପାଇଁ ଉପସ୍ଥିତ ଅଧିକାରୀଙ୍କୁ ମନ୍ତ୍ରୀ ତାଗିଦ୍ କରିଥିଲେ। ରେଷ୍ଟ ହାଉସ୍ ‘ଅରଣ୍ୟ’ରେ ଗୁଣାତ୍ମକ ମାନର ଆସବାବପତ୍ରର ବ୍ୟବସ୍ଥା କରିବା ଉପରେ ସେ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀଙ୍କ ସହ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ସନ୍ଦୀପ ତ୍ରିପାଠୀ, ମୁଖ୍ୟ ବନ ସଂରକ୍ଷକ (କାମ୍ପା) ଉମା ନନ୍ଦୁରୀ ଏବଂ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ମନୋଜ କୁମାର ମହାପାତ୍ର ଏହି ପରିଦର୍ଶନରେ ଯାଇଥିଲେ।

### କୋଭିଡ୍ କେୟାର ହୋମ୍ ପାଇଁ ବିଏମ୍‌ସିର ନୂଆ ଏସ୍‌ଓପି

**ଭୁବନେଶ୍ୱର, ୧୮।୮(ବ୍ୟୁରୋ):** କୋଭିଡ୍ କେୟାର ହୋମ୍ (ସିସିଏଚ୍) ବନ୍ଦୋବସ୍ତ କରିବା ପାଇଁ ବିଏମ୍‌ସି ନୂଆ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜୁଅର (ଏସ୍‌ଓପି) ଜାରି କରିଛି। ଗାଇଡ୍‌ଲାଇନ୍‌କୁ ଅନୁପାଳନ କରି ସିସିଏଚ୍ କରିବାକୁ ବିଭିନ୍ନ ଆବାସିକ କଲ୍ୟାଣ ସଂଘ ଏବଂ ଆବାସିକ ସମାଜକୁ ବିଏମ୍‌ସି ପକ୍ଷରୁ ଆହ୍ୱାନ କରାଯାଇଛି। କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗର ରେସିଡେନ୍‌ସିଆଲ୍ କମ୍ପ୍ଲେକ୍ସ/ କଲୋନୀ, ବ୍ୟାଙ୍କ ଏବଂ ପିଏସ୍‌ୟୁଗୁଡ଼ିକର କଲୋନୀରେ ୨୦ ଶଯ୍ୟା ବିଶିଷ୍ଟ ସିସିଏଚ୍ କରିବାକୁ ନିୟମାବଳୀ ଜାରି ହୋଇଛି। ଏଠାରେ କରୋନା ସନ୍ଦିଗ୍ଧ, ସାମାନ୍ୟ ଲକ୍ଷଣ ଏବଂ ଲକ୍ଷଣ ବିହୀନ କରୋନା ଆକ୍ରାନ୍ତ ରହି ଚିକିତ୍ସିତ ହୋଇପାରିବେ ବୋଲି ଏସ୍‌ଓପିରେ ସୂଚିତ କରାଯାଇଛି।

# କ୍ଷତିଗ୍ରସ୍ତଙ୍କୁ ବଗଲା ଧର୍ମଶାଳା ଜମି ବିକ୍ରି

**ପୁରୀ ଅଫିସ,୧୮।୮**

- ଭକ୍ତ, ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ
- ସରକାରଙ୍କ ପ୍ରତିଶ୍ରୁତି ବାସ୍ତବତାର ରୂପ ନେଇଛି: ଉପଜିଲାପାଳ

ଶ୍ରୀମନ୍ଦିର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ପାଇଁ ବ୍ୟବସାୟ ପ୍ରତିଷ୍ଠାନ ହରାଇଥିବା କ୍ଷତିଗ୍ରସ୍ତଙ୍କୁ ବଡ଼ଦାଣ୍ଡରେ ଥିବା ବଗଲା ଧର୍ମଶାଳା ଜମି ବିକ୍ରି କରାଯାଇଛି। ୬ଜଣ ଲଜିଂ ମାଲିକଙ୍କୁ ଜିଲା ପ୍ରଶାସନ ୩୪୦ ଡେସିମିଲ ଜମି ବିକ୍ରି କରିଛି। ଜିଲା ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ଏନେଇ ୬ଟି ବିକ୍ରି କବଲା କରାଯାଇଥିବା ଜଣାପଡ଼ିଛି। ତେବେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ବିଚାରାଧୀନ ଥିବାବେଳେ ଧର୍ମଶାଳାର କିଛି ଅଂଶ କିପରି ବିକ୍ରି କରାଗଲା ସେନେଇ ଅନେକ ଭକ୍ତ ଓ ବୁଦ୍ଧିଜୀବୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ସରକାରଙ୍କ ପ୍ରତିଶ୍ରୁତି ବାସ୍ତବତାର ରୂପ ନେଇଛି ବୋଲି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି।

ବଡ଼ଦାଣ୍ଡକୁ ଲାଗି ବଳଗଣ୍ଡି ମୌଜାର ଖାତା ନଂ. ୨୪୨ରେ ରହିଛି ବଗଲା ଧର୍ମଶାଳା। ୫ଟି ପ୍ଲଟରେ ୨ ଏକର ୫୭୪ ଡେସିମିଲ ଜମି ରହିଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଆସୁଥିବା ତୀର୍ଥଯାତ୍ରୀଙ୍କ ନିମନ୍ତେ ବାବୁ କହ୍ନେୟାଲାଲ ବଗଲା ନାମକ ଜଣେ ବ୍ୟକ୍ତି ୧୮୯୯ରେ ଏହି ଜମି ବଙ୍ଗଳା ସରକାରଙ୍କଠାରୁ କିଣି ସେଠାରେ ଏକ ଧର୍ମଶାଳା ନିର୍ମାଣ କରିଥିଲେ। ୧୯୦୫ରେ ଏହି ଜମି ସମେତ ଧର୍ମଶାଳାକୁ ତତ୍କାଳୀନ ପୁରୀ ଜିଲାପାଳ ତଥା ଲଜିଂ ହାଉସ୍ ଫଣ୍ଡ ସଭାପତିଙ୍କୁ ଦାନ ଆକାରରେ ହସ୍ତାନ୍ତର କରିଥିଲେ। ପୁରୀ ଆସୁଥିବା ଗରିବ ଓ ମଧ୍ୟବିତ୍ତ ବ୍ୟକ୍ତିମାନେ ଖୁବ୍ କମ୍ ଟଙ୍କା କୋଠରି ଭଡ଼ା ଦେଇ ଏଠାରେ ରହିପାରୁଥିଲେ। ହେଲେ ଧର୍ମଶାଳାର ଦୁଇଟି କୋଠା ମଧ୍ୟରୁ ପୁରୁଣା କୋଠାକୁ ପୁନଃ ନିର୍ମାଣ ପାଇଁ ୩ବର୍ଷ ତଳେ ପ୍ରଶାସନ ଭାଙ୍ଗି ଦେଇଥିଲା। ସେଠାରେ ଶ୍ରୀଜଗନ୍ନାଥ ବିଶ୍ରାମସ୍ଥଳୀ ନିର୍ମାଣ ପାଇଁ ଭାରତୀୟ ପର୍ଯ୍ୟଟନ ଉନ୍ନୟନ ନିଗମକୁ ଦାୟିତ୍ୱ ଦିଆଯାଇଥିଲା। ସମ୍ପୃକ୍ତ ସଂସ୍ଥା ପ୍ରାୟ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିଥିବାବେଳେ ହଠାତ୍ ଏହାକୁ କୌଣସି କାରଣରୁ ବନ୍ଦ କରାଯାଇଥିଲା। ହେଲେ ପରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରୁ ଉଚ୍ଛେଦ ହୋଇଥିବା କେତେକ ଲଜିଂ ମାଲିକ ଏବଂ ଆଉ କିଛି କ୍ଷତିଗ୍ରସ୍ତଙ୍କୁ ବଗଲା ଧର୍ମଶାଳା ଜମି ଆବଣ୍ଟନ ପାଇଁ ନିଷ୍ପତ୍ତି ହୋଇଥିଲା। ଗତବର୍ଷ ଅକ୍ଟୋବରରେ ଏହି ଜମିର ପ୍ଲଟିଂ ନକ୍ସା କରାଯାଇଥିବା ଜଣାପଡ଼ିବାପରେ ଏହାକୁନେଇ ଭକ୍ତ ଓ ବୁଦ୍ଧିଜୀବୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାକୁ ନେଇ ଡିସେମ୍ବର ୨ତାରିଖରେ ସାମାଜିକ କର୍ମୀ ଜଗନ୍ନାଥ ବସ୍ତିଆ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ମଧ୍ୟ ଦାଖଲ କରାଯାଇଥିଲା। ତେବେ ଏହା ବିଚାରାଧୀନ ଥିବାବେଳେ ଜିଲାପାଳ ଶ୍ରୀମନ୍ଦିର ଚୌହଦୀରୁ ଉଚ୍ଛେଦ ହୋଇଥିବା ଲଜିଂ ମାଲିକଙ୍କୁ ୩୪୦ ଡେସିମିଲ ଜମି ବିକ୍ରି କରିଛନ୍ତି। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସେମାନଙ୍କୁ ଅନ୍ୟତ୍ର ଜମି ଦେବାକୁ ଦାବି ଉଠିଛି। ଭକ୍ତ ମହେଶ୍ୱର ବେହେରା କହିଛନ୍ତି, ପୁରୀ ବୁଲିବାକୁ ଆସୁଥିବା ୬୦ହଜାର ଭକ୍ତଙ୍କ ରହଣି ପାଇଁ ବ୍ୟବସ୍ଥା କରିବା ଲାଗି ସୁପ୍ରିମକୋର୍ଟ ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ବଗଲା ଧର୍ମଶାଳା ଜମିରେ ଭକ୍ତଙ୍କ ଲାଗି ରହଣି ବ୍ୟବସ୍ଥା କରାଯିବା ପ୍ରାସଙ୍ଗିକତା ରହିଛି। ପ୍ରଶାସନ ଲଜିଂ ମାଲିକଙ୍କୁ ଜମି ବିକ୍ରି କରିବା ନିଷ୍ପତ୍ତିରୁ ଓହରିଯିବା ଦରକାର। ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ମଧ୍ୟ ଏହି ଜମିକୁ ଭକ୍ତଙ୍କ ପାଇଁ ଛାଡ଼ି ଦିଆଯିବା ଦରକାର ବୋଲି ଗଣମାଧ୍ୟମକୁ କହିଛନ୍ତି।

ଏସମ୍ପର୍କରେ ଉପଜିଲାପାଳ ସାହୁ କହିଛନ୍ତି, ଶ୍ରୀମନ୍ଦିରର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ତ୍ୟାଗର ଆହ୍ୱାନକୁ ଲୋକେ ସମ୍ମାନ ଦେଇଛନ୍ତି। ସେମାନେ ତାଙ୍କ ଭିଟାମାଟିକୁ ମହାପ୍ରଭୁଙ୍କ ପାଇଁ ଛାଡ଼ି ଦେଇଛନ୍ତି। ଏହା ହିଁ ହେଉଛି ପୁରୀବାସୀଙ୍କ ବଡ଼ପଣ। ରାଜ୍ୟ ସରକାର ସେମାନଙ୍କୁ ମନ୍ଦିର ନିକଟବର୍ତ୍ତୀ ଅଞ୍ଚଳରେ ଜମି ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସରକାରଙ୍କ ସେହି ପ୍ରତିଶ୍ରୁତି ଆଜି ବାସ୍ତବତାର ରୂପ ନେଇଛି ବୋଲି ଉପଜିଲାପାଳ କହିଛନ୍ତି।

# ଦଳେଇପୁଟରେ ପୁଣି ବୋମାମାଡ଼

**ଖୋର୍ଦ୍ଧା ଅଫିସ,୧୮।୮**

- ସାଇଣ୍ଟିଫିକ ଟିମ୍ ସହ ପୋଲିସର ତଦନ୍ତ ଆରମ୍ଭ
- ସିସିଟିଭିରେ କଏଦ ହେଲା ବୋମା ଫିଙ୍ଗୁଥିବା ଦୃଶ୍ୟ

ଖୋର୍ଦ୍ଧା ସଦର ଥାନା ଅଧୀନ ଦଳେଇପୁଟ ଗ୍ରାମର ହୃଦାନନ୍ଦ ସ୍ୱାଇଁଙ୍କ ଘର ଉପରକୁ ସୋମବାର ରାତିରେ ପୁଣି ବୋମାମାଡ଼ ହୋଇଛି। ଏଥିରେ କେହି ଆହତ ହୋଇ ନ ଥିବା ବେଳେ ହୃଦାନନ୍ଦଙ୍କ ଘର ଝରକା, ବାଲକୋନି ଓ ଆସବାବପତ୍ର କ୍ଷତିହୋଇଛି। ଦୁଇ ଜଣ ଯୁବକ ଚାଲି ଚାଲି ଆସି ଘର ଉପରକୁ ବୋମା ଫିଙ୍ଗୁଥିବା ସିସି ଟିଭିରେ କଏଦ ହୋଇଛି। ଏ ନେଇ ହୃଦାନନ୍ଦ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ସଦର ଥାନା ପୋଲିସ ମଙ୍ଗଳବାର ସକାଳେ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ କ୍ଷତିଗ୍ରସ୍ତ କିଛି ଅଂଶ ଜବତ କରିଛି। ସୂଚନାଥାଉ କି, ଏକ ପାଚେରି ନିର୍ମାଣକୁ ନେଇ ଉକ୍ତ ଅଞ୍ଚଳର କେତେଜଣ ଯୁବକଙ୍କ ସହ ହୃଦାନନ୍ଦଙ୍କ ପାଟିତୁଣ୍ଡ ହୋଇଥିଲା। ପରେ ଉକ୍ତ ଯୁବକମାନେ ତାଙ୍କୁ ୧ ଲକ୍ଷ ଟଙ୍କା ବଟି ମାଗିଥିଲେ। ବଟି ଦେବାକୁ ମନା କରିବାରୁ ସେମାନେ ପରିବାର ଲୋକଙ୍କୁ ବୋମା ପକାଇ ଉଡ଼ାଇ ଦେବାକୁ ଧମକ ଦେଇଥିଲେ। ଗତ ୧୧ତାରିଖ ରାତିରେ ୩ଜଣ ବାଇକ୍‌ରେ ଆସି ହୃଦାନନ୍ଦଙ୍କ ଘରକୁ ବୋମାମାଡ଼ କରିଥିଲେ। ଏଥିରେ ଭଡ଼ାରେ ରହୁଥିବା ୨ଜଣ ଆହତ ହୋଇଥିଲେ। ହୃଦାନନ୍ଦଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୧୩୮/୨୦) ରୁଜୁକରି ପ୍ରଦୀପ ବେହେରାଙ୍କୁ ଗିରଫ କରିଥିଲା। ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ଅନିତା ସାହୁ କହିଛନ୍ତି। ଜଣେ ଉଚ୍ଚ ପଦସ୍ଥ ଅଧିକାରୀ ଘଟଣାର ତଦନ୍ତ କରିବେ ବୋଲି ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ କହିଛନ୍ତି।

## ଗୋଷ୍ଠୀ ସଂଘର୍ଷ ଘଟଣା: ସରପଞ୍ଚ ଗିରଫ

**ଡେଲାଙ୍ଗ,୧୮।୮(ଡି.ଏନ୍.ଏ.)**

ଡେଲାଙ୍ଗ ଥାନା ଘୋରଡ଼ିଆ ବଜାରରେ ହୋଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ମଙ୍ଗଳବାର ପୋଲିସ ଘନିପୁର ସରପଞ୍ଚ ଲକ୍ଷ୍ମୀଧର ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ୨୦୧୭ ମାର୍ଚ୍ଚ ୮ରେ ଘୋରଡ଼ିଆ ବଜାର ଡାକବଙ୍ଗଳାଠାରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ଏଥିରେ ଗୋଟିଏ ଗୋଷ୍ଠୀର ଲୋକ ୧୬ ଦୋକାନ ଘର ଭାଙ୍ଗି ଦେବା ସହ କୁକୁଡ଼ା ଫାର୍ମରେ ନିଆଁ ଲଗାଇଦେଇଥିଲେ। ଉକ୍ତ ଘଟଣାରେ ଘନିପୁର ସରପଞ୍ଚଙ୍କ ସମ୍ପୃକ୍ତି ଥିବା ନେଇ ପୀଡ଼ିତ ବ୍ୟକ୍ତିଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା।

# ଅଧାରେ ଅଟକିଛି ଗାନ୍ଧୀଙ୍କ ଥ୍ରୀ-ଡି ଭାସ୍କର୍ଯ୍ୟ



**କଟକ ଅଫିସ,୧୮।୮**

### ଭାସ୍କର୍ଯ୍ୟରେ ସ୍ଥାନ ପାଇଛି ଗାନ୍ଧିଜୀଙ୍କ କଟକ ଗସ୍ତ ବେଳର ସ୍ମୃତି

କାଠଯୋଡ଼ି କୂଳରେ ବ୍ରୋଞ୍ଜ ତିଆରି ଥ୍ରୀ-ଡି ଭାସ୍କର୍ଯ୍ୟ କୃତୀ ସ୍ଥାପନ କରାଯିବ। ୨୦ ଫୁଟ ଚଉଡ଼ା ଓ ୧୦ ଫୁଟ ଉଚ୍ଚତା ବିଶିଷ୍ଟ ଏହି କଳାକୃତିରେ ସ୍ଥାନ ପାଇବ ଗାନ୍ଧୀଜୀଙ୍କ କଟକ ଗସ୍ତ ସମୟର ସ୍ମୃତି। କଟକର ୧୮ ଜଣ ଶିଳ୍ପୀ ଏହି କୃତୀ ତିଆରି କରିବାରେ ଲାଗିଥିଲେ। କାଠଗଡ଼ା ସାହିସ୍ଥିତ ଶିଳ୍ପୀରେଖା ଷ୍ଟୁଡିଓରେ ନିର୍ମାଣ କାର୍ଯ୍ୟ ମଧ୍ୟ ଆରମ୍ଭ କରାଯାଇଥିଲା। ମାତ୍ର ଅର୍ଥ ଅଭାବରୁ ଏହାର ନିର୍ମାଣ କାର୍ଯ୍ୟ ଆଗେଇପାରୁ ନାହିଁ। ଗତ ମାର୍ଚ୍ଚ ୨୩ରେ ଏହାର ଉଦ୍‌ଘାଟନ ପାଇଁ ଲକ୍ଷ୍ୟ ରହିଥିଲା ; କିନ୍ତୁ ୫ ମାସ ବିତିବାକୁ ବସିଥିବା ବେଳେ ଏହି ଐତିହାସିକ ଭାସ୍କର୍ଯ୍ୟ କାମ ଅଧାରେ ପଡ଼ିଛି।

୧୯୨୧ରେ ଗାନ୍ଧିଜୀ ପ୍ରଥମଥର ଓଡ଼ିଶା ଗସ୍ତ କରିଥିଲେ। ସେହିବର୍ଷ ମାର୍ଚ୍ଚ ୨୩ରେ କଟକର କାଠଯୋଡ଼ି ପଠାରେ ଏକ ସାଧାରଣ ସଭା ହୋଇଥିଲା। ଏହି ସଭାକୁ ୧୦୦ ବର୍ଷ ପୂରିବାକୁ ଯାଉଛି। ଭାରତୀୟ ମୁକ୍ତି ସଂଗ୍ରାମ ସହ ଜଡ଼ିତ ଏଇ ଐତିହାସିକ ସଭାକୁ ସବୁଦିନ ପାଇଁ ସ୍ମରଣରେ ରଖିବାକୁ କଟକରେ ଏକ ଭାସ୍କର୍ଯ୍ୟ କୃତୀ ତିଆରି କରିବା ଲାଗି ଜିଲା ପ୍ରଶାସନ ପରିକଳ୍ପନା କରିଥିଲା। ଏହି ଥ୍ରୀ-ଡି ଭାସ୍କର୍ଯ୍ୟ କୃତୀ ପାଇଁ ୩୨ ଲକ୍ଷ ଟଙ୍କାର ବଜେଟ୍ କରାଯାଇଛି। ଉଲ୍ଲେଖନୀୟ କଥା ହେଉଛି, କାଠଯୋଡ଼ି ସଭାରେ ଗାନ୍ଧୀଙ୍କୁ କୁର୍ତ୍ତା ପିନ୍ଧି ବସିଥିବା ଓ ମୁଣ୍ଡରେ ଟୋପି ଥିବାର ଚିତ୍ର ଭାସ୍କର୍ଯ୍ୟରେ ଶୋଭା ପାଇବ। ଉତ୍କଳମଣି ଗୋପବନ୍ଧୁ ଦାସ ସଭାପତିତ୍ୱ କରୁଥିବା ଓ ସଭାରେ ଗାନ୍ଧିଜୀଙ୍କ ସହ ତାଙ୍କର ସହଧର୍ମିଣୀ କସ୍ତୁରବା ଗାନ୍ଧୀ, ଆଚାର୍ଯ୍ୟ ହରିହର, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର ଓ କୃପାସିନ୍ଧୁ ମିଶ୍ରଙ୍କ ଭଳି ବହୁ ମନିଷୀଙ୍କ ଉପସ୍ଥିତି ବେଳର ଦୃଶ୍ୟ କୃତୀରେ ସ୍ଥାନ ପାଇଛି। କାଠଗଡ଼ା ସାହିର ଶିଳ୍ପୀ ଶ୍ରୀକାନ୍ତ ରଣା ଓ ଲକ୍ଷ୍ମୀଧର ରଣା ଉକ୍ତ କାର୍ଯ୍ୟର ନେତୃତ୍ୱ ନେଇଛନ୍ତି। ରାଜ୍ୟ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗର ୩ ଜଣିଆ କମିଟି କାଠଯୋଡ଼ିର ନେତାଜୀ ସୁଭାଷ ସେତୁ ନିକଟରେ ଉକ୍ତ ଭାସ୍କର୍ଯ୍ୟ ସ୍ଥାପନ ପାଇଁ ଜାଗା ଚିହ୍ନଟ କରିଛନ୍ତି। କିନ୍ତୁ ଅର୍ଥ ଅଭାବରୁ କାର୍ଯ୍ୟ ବନ୍ଦ ପଡ଼ିଛି। କେବେ ସୁଦ୍ଧା ଏହି କାର୍ଯ୍ୟ ସରିବ, ତାହା ସ୍ପଷ୍ଟ ହୋଇପାରୁ ନାହିଁ। ଅନ୍ୟପକ୍ଷରେ ଏହାର କାରିଗରଙ୍କୁ ସେପରି କୌଣସି ସରକାରୀ ସହାୟତା ଦିଆଯାଉ ନ ଥିବା ଯୋଗୁ କରୋନା ମହାମାରୀ ବେଳେ ସେମାନଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଥିବା ଶିଳ୍ପୀ ଲକ୍ଷ୍ମୀଧର ରଣା କହିଛନ୍ତି। ଅଧାପନ୍ତରିଆ ଭାସ୍କର୍ଯ୍ୟ କୃତୀ ସମ୍ପର୍କରେ ଜିଲା ସଂସ୍କୃତି ଅଧିକାରୀ ଅନନ୍ତ ସେଠୀ କହିଛନ୍ତି, ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଏହାର ନିର୍ମାଣ ଦାୟିତ୍ୱରେ ରହିଛି। କଟକ ଜିଲା ପ୍ରଶାସନ ପକ୍ଷରୁ କେବଳ କାଠଯୋଡ଼ି କୂଳରେ ସ୍ଥାନ ଦେବାକୁ କୁହାଯାଇଥିଲା।

**If goal is distinction Then Excelsior is the destination**

**EXCELSIOR Science Residential Higher Secondary School**
Chhotraypur, Jajpur Road, Jajpur

**Annual AHSE 2020 Result Analysis**

Keeping the trend in order, **67 Students** have exceeded their 10th Board mark in High Percentage.

**The Rank holders of 2020 securing 90% and above**




**Securing 500 marks and above**




**Result Analysis - 2020**

| | | |
|---|---|---|
| TOTAL STUDENTS APPEARED | 229 | |
| TOTAL STUDENTS PASSED | 227 | 99.1% |
| TOTAL 1st DIVISION | 185 | 80.79% |

**PERCENTAGE ANALYSIS**

| | MARKS | NO. OF STUDENTS | % |
|---|---|---|---|
| 90% & ABOVE | 540 | 07 | 3.057 |
| 85% & ABOVE | 510 | 31 | 13.54 |
| 80% & ABOVE | 480 | 63 | 27.51 |
| 70% & ABOVE | 420 | 121 | 52.84 |
| 60% & ABOVE | 360 | 185 | 80.79 |

**39** Students securing **500 Marks** and above in 2020

Excelsior extends hearty thanks to all parents and teachers for their continuous support.

For Admission details please contact: 9437189122, 9437064112, 8457022795, 9437071103, 9437073118, 9438681775, 9437173110, 9937341569

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୯ ଅଗଷ୍ଟ, ୨୦୨୦

**୬ ଦିନ କଣ୍ଟାପଡ଼ା ପଞ୍ଚାୟତ ଶଟ୍‌ଡାଉନ**

କଣ୍ଟାପଡ଼ା(ଡି.ଏନ.ଏ.): କଣ୍ଟାପଡ଼ା ପଞ୍ଚାୟତ ଓଲଟପୁରସ୍ଥିତ ନିର୍‌ତାର ନିର୍ଦ୍ଦେଶକ ଓ କଣ୍ଟାପଡା ବ୍ଲକ କର୍ମଚାରୀଙ୍କ ସମେତ ୪ଜଣ କର୍ମଚାରୀ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସଂକ୍ରମଣକ ରୋକିବା ପାଇଁ କଣ୍ଟାପଡା ପଞ୍ଚାୟତର ଛେଦାଗ୍ରାମକୁ ଛାଡି ବୁଧବାର ଠାରୁ ୬ଦିନ ପାଇଁ ପଞ୍ଚାୟତକୁ ସରପଞ୍ଚ ପ୍ରୀତି ବେହେରା ଶଟ୍‌ଡାଉନ ଘୋଷଣା କରିଛନ୍ତି। ଶଟ୍‌ଡାଉନରେ କେବଳ ଔଷଧ ଦୋକାନ ବ୍ୟତୀତ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ବନ୍ଦ ରଖିବାକୁ ସରପଞ୍ଚ ନୋଟିସ ଜାରି କରିଛନ୍ତି। ସୋମବାର ପର୍ଯ୍ୟନ୍ତ କଣ୍ଟାପଡା, ଶିଶୁଆ, ବାଇରୋଇ, ଅଲାପୁର, ଇଛାପୁର, ଓଲଟପୁର ଗ୍ରାମର କେହି ବାହାରକୁ ନ ଯିବା ପାଇଁ ନୋଟିସ୍‌ରେ ଉଲ୍ଲେଖ ରହିଛି।



## ସଂକ୍ଷେପରେ

### ଖୋର୍ଦ୍ଧା: ୧୧୯ ପଜିଟିଭ୍ ଚିହ୍ନଟ

ଖୋର୍ଦ୍ଧା ଅଫିସ,୧୮।୮:ଖୋର୍ଦ୍ଧା ଜିଲା(ବିଏମ୍‌ସିକୁ ବାଦ୍ ଦେଇ)ରେ ମଙ୍ଗଳବାର ୧୧୯ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ବାଣପୁର ୩୦, ବାଲୁଗାଁ ୧୬, ଟାଙ୍ଗୀ ୬, ଖୋର୍ଦ୍ଧା ବ୍ଲକ ୮, ବେଗୁନିଆ ୧୩, ବୋଲଗଡ଼ ୩, ଜଟଣୀ ୧୨, ମେଣ୍ଢାଶାଳ ୪, ବାଲକାଟୀ ୧୦, ବାଲିପାଟଣାରୁ ଜଣେ ଆକ୍ରାନ୍ତ ହୋଇଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସାଳୟର ୧୬ଜଣ ରହିଛନ୍ତି। ମଙ୍ଗଳବାର ଆକ୍ରାନ୍ତଙ୍କୁ ମିଶାଇ ଜିଲାରେ ତିନି ଦିନ ମଧ୍ୟରେ ପଜିଟିଭ୍ ସଂଖ୍ୟା ୫୭୧ରେ ପହଞ୍ଚିଛି। ଜିଲାପାଳ ସନତ୍ କୁମାର ମହାନ୍ତି କହିଛନ୍ତି, ଜିଲାରେ ସପ୍ତାହକ ମଧ୍ୟରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏନେଇ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି। ସନ୍ଦିଗ୍ଧ ଅଞ୍ଚଳ ଉପରେ ଦୃଷ୍ଟି ଦିଆଯିବା ସହ ଅଧିକ ଟେଷ୍ଟିଂ ଉପରେ ଗୁରୁତ୍ୱ ଦିଆଯାଉଛି।

### କଂଗ୍ରେସରୁ ଇସ୍ତଫା ଦେଲେ ଅରୁଣ ସେଠୀ

କଟକ ଅଫିସ,୧୮।୮: କଟକ ମହାନଗର ନିଗମ (ସିଏମ୍‌ସି) ଅନ୍ତର୍ଗତ ୧୮ ନମ୍ବର ୱାର୍ଡର ପୂର୍ବତନ କଂଗ୍ରେସ କର୍ପୋରେଟର ଅରୁଣ ସେଠୀ ମଙ୍ଗଳବାର ଦଳରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ନଗର କଂଗ୍ରେସ ସଭାପତିଙ୍କୁ ପଠାଇଛନ୍ତି। ସେଥିରେ ସେ ଉଲ୍ଲେଖ କରି କହିଛନ୍ତି ଯେ, ଦୀର୍ଘ ୩୦ ବର୍ଷ ହେବ ସେ ସଙ୍ଗଠନ ପାଇଁ କାର୍ଯ୍ୟ କରିଆସୁଥିଲେ। କଟକ ନଗରରେ ସଙ୍ଗଠନ ମଜଭୁତ୍ କରିବାରେ ନିଜ ରାଜନୈତିକ ଜୀବନ ସମର୍ପିତ କରିଛନ୍ତି। ମାତ୍ର ସଙ୍ଗଠନରେ ତାଙ୍କୁ ଉଚିତ୍ ସମ୍ମାନ ମିଳିବା ତ ଦୂରର କଥା, ତାଙ୍କୁ ଦଳରେ ଅଲୋଡ଼ା କରାଯାଇଛି ବୋଲି ସେ ଅଭିଯୋଗ କରି ଦଳରୁ ଇସ୍ତଫା ଦେଇଥିବା କହିଛନ୍ତି।

### ଖଣିରେ ଚଢ଼ାଉ: ୨ ଟ୍ରକ୍ ଜବତ

**ଖୋର୍ଦ୍ଧା ଅଫିସ,୧୮।୮:** ଖୋର୍ଦ୍ଧା ଉପଖଣ୍ଡର ଖଣି ଅଞ୍ଚଳରେ ମଙ୍ଗଳବାର ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ୨ଟି ଟ୍ରକ୍ ଜବତ କରାଯାଇଛି। ଖୋର୍ଦ୍ଧା ତହସିଲଦାର ପଦ୍ମଚରଣ ସାହୁ ନିଜିଗଡ ଟାପଙ୍ଗ ଅଞ୍ଚଳରେ ଥିବା ଖଣିରେ ଚଢ଼ାଉ କରି ଦୁଇଟି ପଥର ବୋଝେଇ ଟ୍ରକ୍‌କୁ ଜବତ୍ କରିଥିଲେ। ସେହିପରି ଶ୍ରୀମନ୍ଦିର ପ୍ରଶାସନ, ବେଗୁନିଆ ତହସିଲଦାର ଓ ସ୍ଥାନୀୟ ପୋଲିସ ସହାୟତାରେ ଗ୍ରାନାଇଟ ଖଣି ଅଞ୍ଚଳରେ ଚଢ଼ାଉ କରାଯାଇଥିଲେ ମଧ ସଫଳତା ମିଳି ନ ଥିଲା।

### ୨୦ହଜାର ଟଙ୍କାର ହୋମକାଠ ଜବତ

ଖୁଣ୍ଟୁଣୀ,୧୮।୮(ଡି.ଏନ୍.ଏ.): ଖୁଣ୍ଟୁଣୀ ବନାଞ୍ଚଳ ପକ୍ଷରୁ ମଙ୍ଗଳବାର ରାତି ୮ଟାରେ ୫୫ନଂ. ଜାତୀୟ ରାଜପଥ କପୁର ସିଂ ହନୁମାନ ମନ୍ଦିର ସମ୍ମୁଖରୁ ଏକ ଅଟୋ ସହ ୨୦ହଜାର ଟଙ୍କାର ହୋମ କାଠ ଜବତ କରାଯାଇଛି। ଏହାର ଚାଳକଙ୍କୁ ମଧ ଗିରଫ କରାଯାଇଛି। ସେ ହେଲେ ବାଙ୍କି ଅଞ୍ଚଳର ବନମାଳୀ ସେନାପତି। ମଙ୍ଗଳବାର ରାତିରେ ବନାଞ୍ଚଳ ପକ୍ଷରୁ ଫରେଷ୍ଟର ରାକେଶ ଦଳେଇ, ବନରକ୍ଷୀ ରମାକାନ୍ତ ବଳବନ୍ତ ରାୟ ହାତୀ ଘଉଡାଇବାକୁ ଯାଉଥିଲେ। ଏହି ସମୟରେ ମନ୍ଦିର ଆଗରେ ଅଟୋରେ କାଠ ବସ୍ତା ଥିବାବେଳେ ଫରେଷ୍ଟର ଦଳେଇଙ୍କ ସନ୍ଦେହ ହୋଇଥିଲା। ଅଟୋ ଚାଳକଙ୍କୁ ପଚରାଉଚୁରା କରିବାରୁ ଚୋରାରେ ବିକ୍ରି ହେଉଥିବା ଜାଣି କାଠ ଜବତ କରିଥିଲେ। ଏହି କାଠ ଭୁବନେଶ୍ୱରର ଏକ ପୂଜା ଦୋକାନକୁ ଯାଉଥିବା ଚାଳକ କହିଥିଲେ।

# କଟକରେ ଦୈନିକ ୪ ହଜାର ଟେଷ୍ଟିଂ

କଟକ ଅଫିସ,୧୮।୮

**କୋଭିଡ୍ ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା ବୈଠକରେ ନିଷ୍ପତ୍ତି**

କଟକ ଜିଲାରେ କରୋନା ସ୍ଥିତି ବର୍ତ୍ତମାନ ନିୟନ୍ତ୍ରଣରେ ରହିଛି। ଜିଲାରେ ବର୍ତ୍ତମାନ ଦୈନିକ ୨ ହଜାର କୋଭିଡ୍ ଟେଷ୍ଟ ହୋଇପାରୁଛି। ଆର୍‌ଟି-ପିସିଆର୍ ଓ ଆଣ୍ଟିଜେନ୍‌କୁ ମିଶାଇ ଦୈନିକ ଟେଷ୍ଟିଂ ୪ ହଜାର ପର୍ଯ୍ୟନ୍ତ ନେବା ପାଇଁ ନିଷ୍ପତ୍ତି ନିଆଯାଇଛି। ଜିଲା କୋଭିଡ୍ ପର୍ଯ୍ୟବେକ୍ଷକ ତଥା କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ ଏବଂ ସାଧାରଣ ପ୍ରଶାସନ ଅତିରିକ୍ତ ସଚିବ ସୁଶାନ୍ତ ମହାପାତ୍ର କରୋନା ପରିସ୍ଥିତିର ସମୀକ୍ଷା କରିବା ବେଳେ ଏହି ନିଷ୍ପତ୍ତି ନେଇଛନ୍ତି। ଅନ୍ୟୁନ ୭ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିହ୍ନଟ କରି ଟେଷ୍ଟିଂ ବଢ଼ାଇବା ପାଇଁ ନିଷ୍ପତ୍ତି ନିଆଯାଇଛି।

ଜିଲାପାଳ ଭବାନୀ ଶଙ୍କର ଚୟନୀ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି କହିଥିଲେ ଯେ, ଜିଲାରେ ସୁସ୍ଥତା ହାର ୭୨ ପ୍ରତିଶତ ଓ ମୃତ୍ୟୁ ହାର ୦.୦୧ ପ୍ରତିଶତ ରହିଛି। ସଦ୍‌ଗୁରୁ ହସ୍ପିଟାଲ୍‌ରେ ୧୫୦ ଶଯ୍ୟାବିଶିଷ୍ଟ କୋଭିଡ୍ ହସ୍ପିଟାଲର ବ୍ୟବସ୍ଥା କରାଯାଇ ସେଠାରେ ଟେଷ୍ଟିଂ, ଡାଏଲିସିସ ସୁବିଧା ଦିଆଯିବ। ପ୍ଲାଜମା ଦାନ, ହୋମ୍ ଆଇସୋଲେଶନ ଓ ମୃତ୍ୟୁହାର କମାଇବା ସହ କାର୍ଯ୍ୟରତ କୋଭିଡ୍ ଯୋଦ୍ଧାଙ୍କ ପାରିତୋଷିକ, କୋଭିଡ ଯୋଦ୍ଧାଙ୍କ ମୃତ୍ୟୁରେ କ୍ଷତିପୂରଣ ନେଇ ଆଲୋଚନା ହୋଇଥିଲା। ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ଏସ୍‌ସିବି ମେଡିକାଲ ଅଧୀକ୍ଷକ ଡା. ଅନ୍ନଦା ପ୍ରସାଦ ପଟ୍ଟନାୟକ, ଅଧ୍ୟକ୍ଷ ପ୍ରଫେସର ଡା. ଦଣ୍ଡେଶ୍ୱର ହୋତାଙ୍କ ସହ ଦୁଇ ପର୍ଯ୍ୟବେକ୍ଷକ ଆଲୋଚନା କରିଥିଲେ। ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସତ୍ୟବ୍ରତ ଛୋଟରାୟ ସୂଚନା ଦେଇ କହିଥିଲେ ଯେ ମଙ୍ଗଳବାର ପର୍ଯ୍ୟନ୍ତ ୧୨୮ ଜଣ ପ୍ଲାଜମା ଦାନ କରିଥିବା ବେଳେ ୨୫୬ ୟୁନିଟ୍ ସଂଗ୍ରହ କରାଯାଇଛି। ରାଜ୍ୟର ବିଭିନ୍ନ କୋଭିଡ୍ ହସ୍ପିଟାଲକୁ ୨ଶହ ୟୁନିଟ୍ ପଠାଯାଇଛି। ସୋମବାର ସୁଦ୍ଧା ୩୮,୭୯୭ ଆର୍‌ଟି-ପିସିଆର ଏବଂ ୧୮,୯୭୬ ଆଣ୍ଟିଜେନ ନମୁନା ସଂଗ୍ରହ କରି ପରୀକ୍ଷା କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସିଏମ୍‌ସି କମିଶନର ଅନନ୍ୟା ଦାସ, ଡିଆରଡିଏ ପିଡି ଅବଦଲ ଅଖତର, ଅଶ୍ୱିନୀ ହସ୍ପିଟାଲ ନିର୍ଦ୍ଦେଶକ ଡା. ସୁବ୍ରତ ଜେନା, ଡିସିପି ପ୍ରତୀକ ସିଂ, ଏସ୍‌ପି (ଗ୍ରାମାଞ୍ଚଳ) ବି. ଯୁଗଳକିଶୋର ଉପସ୍ଥିତ ଥିଲେ।


ବୈଠକରେ ଜିଲା କୋଭିଡ୍ ପର୍ଯ୍ୟବେକ୍ଷକ ଓ ଅନ୍ୟ ଅଧିକାରୀ।

# ପୁରୀରୁ ୪୦ କରୋନା ଆକ୍ରାନ୍ତ ଚିହ୍ନଟ

ପୁରୀ ଅଫିସ,୧୮।୮

**ସହରାଞ୍ଚଳରୁ ୧୬, ଗ୍ରାମାଞ୍ଚଳରୁ ୨୪**

ପୁରୀ ଜିଲାରେ ମଙ୍ଗଳବାର ୪୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ନୂଆ ସଂକ୍ରମିତଙ୍କୁ ମିଶାଇ ମୋଟ ପଜିଟିଭ ସଂଖ୍ୟା ୧୯୦୦ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୧,୧୨୪ ଜଣ ସୁସ୍ଥ ହୋଇଥିବା ବେଳେ ୭୬୪ ଜଣ ଚିକିତ୍ସାଧୀନ ଅଛନ୍ତି। କରୋନାରେ ଜିଲାର ୮ଜଣଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ଚିହ୍ନଟ ୪୦ ଜଣଙ୍କ ମଧ୍ୟରେ ପୁରୀ ମ୍ୟୁନିସିପାଲିଟିରୁ ୧୬ଜଣ ରହିଥିବା ବେଳେ ବିଭିନ୍ନ ବ୍ଲକରୁ ୨୪ଜଣ ଚିହ୍ନଟ ହୋଇଛନ୍ତି। ମ୍ୟୁନିସିପାଲିଟିର ୫ ନଂ. ୱାର୍ଡରୁ ୩ ଜଣ ରହିଥିବା ବେଳେ ୨୧ ଓ ୨୨ ନଂ. ୱାର୍ଡରୁ ୨ ଜଣ ଲେଖାଏ, ୩, ୬, ୧୨, ୧୯,୨୨, ୨୮,୨୯, ୩୧ ଓ ୩୨ ନଂ. ୱର୍ଡରୁ ଜଣେ ଲେଖାଏ ଆକ୍ରାନ୍ତ ବାହାରିଛନ୍ତି। ଏମାନଙ୍କ ମଧ୍ୟରୁ ୮ ଜଣ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ବେଳେ ୮ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ସେହିପରି ନିମାପଡ଼ା ବ୍ଲକରୁ ୧୧, କାକଟପୁର ୪, ଡେଲାଙ୍ଗ, ପୁରୀ ସଦର, ସତ୍ୟବାଦୀରୁ ୨ ଜଣ ଲେଖାଏ, ଅସ୍ତରଙ୍ଗ, ଗୋପ ଓ ବ୍ରହ୍ମଗିରି ବ୍ଲକରୁ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୧୨ ଜଣ ପୂର୍ବ ଆକ୍ରାନ୍ତଙ୍କ ସମ୍ପର୍କରେ ଆସିଥିବା ବେଳେ ୧୨ଜଣ ସ୍ଥାନୀୟ ସଂକ୍ରମିତ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ଜିଲାରୁ ୪୩,୫୦୮ ଜଣଙ୍କ କରୋନା ଟେଷ୍ଟ କରାଯାଇଥିବା ବେଳେ ୧,୯୦୦ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସୁସ୍ଥ ହାର ରହିଛି ୫୯.୧୫ପ୍ରତିଶତ। ବର୍ତ୍ତମାନ ସୁଦ୍ଧା ଜିଲାରେ ୬୭ଟି କଣ୍ଟେନମେଣ୍ଟ ଜୋନ ବଳବତ୍ତର ରହିଥିବା ବେଳେ ୧୨୯ଟିକୁ ବନ୍ଦ କରାଯାଇଛି। ଡେଲାଙ୍ଗ ବ୍ଲକରେ ସର୍ବାଧିକ ୧୩ଟି କଣ୍ଟେନମେଣ୍ଟ ଜୋନ ବଳବତ୍ତର ରହିଛି।

# କରୋନାରେ ଶିକ୍ଷକଙ୍କ ମୃତ୍ୟୁ

ରାୟଗଡ଼ା ଅଫିସ,୧୮।୮

**ଶହୀଦ ସମ୍ମାନ ପାଇଁ ଜିଲାପାଳ ଲେଖିଲେ ଚିଠି**

ରାୟଗଡ଼ା ଜିଲା କୁମାଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଅରୁଣ କୁମାର ଲେଙ୍କାଙ୍କ ମଙ୍ଗଳବାର କରୋନାଜନିତ ମୃତ୍ୟୁ ଘଟିଛି। ମାର୍ଚ୍ଚ ମାସରୁ ସେ କରୋନା ମୁକାବିଲା ପାଇଁ ରାୟଗଡ଼ା ବ୍ଲକ୍ କୋଟ୍‌ଲାଗୁଡ଼ାସ୍ଥିତ ଅନ୍ୱେଷା ହଷ୍ଟେଲ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ରହିଥିଲେ। ଅଗଷ୍ଟ ୪ ପର୍ଯ୍ୟନ୍ତ ସେ ସେଠାରେ କାର୍ଯ୍ୟରତ ଥିଲେ। ପରେ ସେ କରୋନା ସଂକ୍ରମିତ ହୋଇଥିଲେ। ତାଙ୍କୁ ପ୍ରଥମେ ଜେକେପୁରସ୍ଥିତ କୋଭିଡ୍ ହସ୍ପିଟାଲ ପରେ ଭୁବନେଶ୍ୱରସ୍ଥିତ ସମ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ମଙ୍ଗଳବାର ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଶିକ୍ଷକ ଲେଙ୍କା ରାୟଗଡ଼ା ଜିଲାରେ କରୋନା ମୁକାବିଲା ଦିଗରେ ଜଣେ ଯୋଦ୍ଧା ଭାବେ କାର୍ଯ୍ୟ କରୁଥିବାରୁ ତାଙ୍କର ଶହୀଦ ସମ୍ମାନ ସହ ଶେଷକୃତ୍ୟ ସମ୍ପନ୍ନ ପାଇଁ ରାୟଗଡ଼ା ଜିଲାପାଳ ଭୁବନେଶ୍ୱର ମହାନଗର ନିଗମର କମିଶନରଙ୍କୁ ଚିଠି ମାଧ୍ୟମରେ ଅନୁରୋଧ କରିଛନ୍ତି।



ଶିକ୍ଷାର ଘରୋଇକରଣ ଓ ଜାତୀୟ ଶିକ୍ଷାନୀତି ୨୦୨୦ ବିରୋଧରେ ମଙ୍ଗଳବାର ଭୁବନେଶ୍ୱରସ୍ଥ ମାଷ୍ଟରକ୍ୟାଣ୍ଟିନରେ ଅଲ୍‌ଇଣ୍ଡିଆ ସେଭ୍ ଏଜୁକେଶନ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

## ଅନ୍‌ଲାଇନରେ ମହାପ୍ରସାଦ ବିକ୍ରି ନେଇ ଏତଲା

**ପୁରୀ ଅଫିସ,୧୮।୮:** ମହାପ୍ରଭୁଙ୍କ ମହାପ୍ରସାଦ ଅନ୍‌ଲାଇନରେ ବିକ୍ରି ହେବା ଘଟଣାକୁ ଚାରିଆଡ଼େ ବିରୋଧ କରାଯାଉଛି। ମହାପ୍ରସାଦ ପ୍ରତି ଥିବା ଶ୍ରଦ୍ଧାଳୁଙ୍କ ଭକ୍ତି ଓ ବିଶ୍ୱାସରୁ ଫାଇଦା ଉଦ୍ଦେଶ୍ୟ ରଖି ଏପରି କରାଯାଉଥିବାରୁ ସୂଚନା ଅଧିକାରୀ କର୍ମୀ ଜୟନ୍ତ ଦାଶ ମଙ୍ଗଳବାର ସିଂହଦ୍ୱାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୋମବାର ସୁଆର ମହାସୁଆର ନିଯୋଗ ଓ ଶ୍ରୀମନ୍ଦିର ପରିଚାଳନା କମିଟି ଏଭଳି ଘଟଣାକୁ ବିରୋଧ କରିଥିଲେ। ତେବେ ମହାପ୍ରସାଦ ଅନଲାଇନ ବିକ୍ରି ହେବା ଦ୍ୱାରା ତା'ର ମହତ୍ତ୍ୱ କମିଯିବ ବୋଲି ଦାଶ କହିଛନ୍ତି। ଥାନାଧିକାରୀ ଗେହ୍ଲୀ ସାହୁ କହିଛନ୍ତି, ଏ ନେଇ ଆମ ପାଖରେ ଏକ ଅଭିଯୋଗ ହୋଇଛି। ଏହାର ତଦନ୍ତ କରାଯାଉଛି, ଏ ବିଷୟରେ ଆମେ ଶ୍ରୀମନ୍ଦିର ପ୍ରଶାସନକୁ ଜଣାଇଛୁ। ପରେ ଆଲୋଚନା କରି ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। କିଛି ଦିନ ତଳେ ଅନ୍‌ଲାଇନରେ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ମିଳିବ ବୋଲି ସାମାଜିକ ଗଣମାଧ୍ୟମରେ ବିଜ୍ଞାପନ ପୋଷ୍ଟ ହୋଇଥିଲା।

## ଜେଲ ଗଲେ ଫେରାର ଅଭିଯୁକ୍ତ

ପିପିଲି,୧୮।୮(ସ୍ୱ.ପ୍ର.)

ପିପିଲି ଥାନା ଅଞ୍ଚଳରେ ନୟାଗଡ଼ ଅଞ୍ଚଳର ଜନୈକା ଯୁବତୀଙ୍କୁ ବଳାତ୍କାର କରିଥିବା ଘଟଣାରେ ପୋଲିସ ୧୩ ବର୍ଷ ପରେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ବାଲିଅନ୍ତା ଥାନା ଅଧୀନ ଗଣ୍ଡିଲୋ ଗ୍ରାମର ପ୍ରେମାନନ୍ଦ ଭୋଳ ଓରଫ ବାଙ୍କୁ। ସୂଚନାଯୋଗ୍ୟ, ୨୦୦୭ରେ ବାଙ୍କୁ ଉକ୍ତ ଯୁବତୀଙ୍କୁ କୌଣସି କଥା କହି କୌଶଲ୍ୟାଗଙ୍ଗ ଫାଣ୍ଡି ଅଧୀନ ସିଫା ପଛପଟେ ବଳାତ୍କାର କରିଥିଲେ। ଯୁବତୀଜଣକ ପିପିଲି ଥାନାରେ ୨୪.୧୦.୨୦୦୭ରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ କେଶ୍ ନଂ. ୨୭୩/୦୭ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସେଦିନଠାରୁ ଅଭିଯୁକ୍ତ ଜଣକ ଫେରାର ହୋଇଯାଇଥିଲେ। ଏକ ବିଶେଷ ସୂତ୍ରରୁ ବାଙ୍କୁ ଗଣ୍ଡିଲୋ ଗ୍ରାମରେ ଥିବା ଜାଣି ମଙ୍ଗଳବାର ଚଢ଼ାଉ କରି ଧରିଥିଲେ।

## ଗୋଷ୍ଠୀସଂଘର୍ଷ ଘଟଣା: ୪ ଗିରଫ

**ଖୋର୍ଦ୍ଧା ଅଫିସ,୧୮।୮:** ଖୋର୍ଦ୍ଧା ଟାଉନ ଥାନା ଅଧୀନ ମୁକୁନ୍ଦପ୍ରସାଦରେ ହୋଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ମଙ୍ଗଳବାର ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବଉଳସାହିର ବିକାଶ ପାତ୍ର, ଜ୍ଞାନରଞ୍ଜନ ସାହୁ, ସାଜୁ ଓରଫ୍ ମହମ୍ମଦ ସାଜିଦ୍ ଏବଂ ନନ୍ଦୁ ଓରଫ୍ ଆଜାରୁଦ୍ଦିନ। ଏନେଇ ମହମ୍ମଦଙ୍କ ଅଭିଯୋଗକ୍ରମେ ଶିଳ୍ପାଞ୍ଚଳ ଫାଣ୍ଡିରେ ଏକ ମାମଲା (ନଂ.୨୭୮/୨୦)ରୁଜୁ ହୋଇଥିଲା। ସେହିପରି ବଉଳସାହି ଯୁବକ ସଂଘ ପକ୍ଷରୁ ମହମ୍ମଦଙ୍କ ବିରୋଧରେ ମାମଲା ନଂ.୨୭୯/୨୦ ରୁଜୁ ହୋଇଥିଲା। ବିଶ୍ୱଜିତ୍‌ଙ୍କ ଅଭିଯୋଗ କ୍ରମେ ଟାଉନ ଥାନାରେ ମାମଲା (ନଂ.୨୮୦/୨୦) ରୁଜୁ ହୋଇଥିଲା।


ଭୁବନେଶ୍ୱରସ୍ଥ ରାଜଭବନ ନିକଟ ଏଲ୍‌ଆଇସି ଅଫିସ୍ ସମ୍ମୁଖ ରାସ୍ତା ପାର୍ଶ୍ୱ ଏକ ଉଠାଦୋକାନରେ ବିକ୍ରି ପାଇଁ କଣ୍ଢେଇ ସଜାଇ ରଖାଯାଇଛି।

## ନିମାପଡ଼ା ଥାନା, ତହସିଲ ଅଫିସରେ ପଶିଲା କରୋନା

ନିମାପଡ଼ା,୧୭।୮(ଡି.ଏନ.ଏ.)

ନିମାପଡ଼ା ବ୍ଲକରେ ମଙ୍ଗଳବାର ବ୍ଲକ ଓ ଏନ୍‌ଏସିରେ ୧୬ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବିଡିଓ ମନୋଜ ବେହେରା କହିଛନ୍ତି। ଏହି ଆକ୍ରାନ୍ତ ଏବେ ସ୍ଥାନୀୟ ଥାନା ଓ ତହସିଲ ଅଫିସରେ ପ୍ରବେଶ କରିଛି। ଅତିରିକ୍ତ ତହସିଲଦାର ଓ ଥାନାର ଡ୍ରାଇଭର କରୋନା ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଫଳରେ ଥାନା ଓ ତହସିଲ କର୍ମଚାରୀମାନେ ଭୟଭୀତ ହୋଇପଡ଼ିଛନ୍ତି। ଉକ୍ତ ମହିଳା ଅତିରିକ୍ତ ତହସିଲଦାରଙ୍କ ସୋମବାର ପଜିଟିଭ ବାହାରିଥିବା ଜଣାପଡ଼ିଛି। ସେ କଟକରେ ରହୁଥିବା ବେଳେ ଗତ ୧୦ତାରିଖରେ ଅଫିସକୁ ଆସିଥିଲେ। ତେଣୁ ମଙ୍ଗଳବାର ତହସିଲଦାରଙ୍କ ସମେତ ୧୧ କର୍ମଚାରୀ ଓ ଥାନାର ଉଚ୍ଚପଦସ୍ଥ ଅଫିସରଙ୍କ ସମେତ ୧୧ କର୍ମଚାରୀ ନିମାପଡ଼ା ମେଡିକାଲରେ କରୋନା ପରୀକ୍ଷା କରାଯାଇଥିଲା। କେବଳ ଉକ୍ତ ପୋଲିସ ଡ୍ରାଇଭରଙ୍କୁ ଛାଡ଼ି ଅନ୍ୟ ସମସ୍ତଙ୍କ ରିପୋର୍ଟ ନେଗେଟିଭ ଆସିଥିବା ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକ ଓ ଆଇଆଇସି ଜନାର୍ଦ୍ଦନ ପାଢ଼ୀ କହିଛନ୍ତି।

# ଖୋର୍ଦ୍ଧାରେ ହେବନି ଗଣେଶପୂଜା

**କୋଭିଡ୍ ପରିଚାଳନା ବୈଠକରେ ନିଷ୍ପତ୍ତି**

ଖୋର୍ଦ୍ଧା ଅଫିସ,୧୮।୮: ଖୋର୍ଦ୍ଧା ଜିଲାରେ ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। କୋଭିଡ୍ ପରିଚାଳନା ନେଇ ମଙ୍ଗଳବାର ଜିଲାପାଳ ସନତ୍ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ କୋଭିଡ୍ ପରିଚାଳନା ଓ ନିୟନ୍ତ୍ରଣ ଉପରେ ଆଲୋଚନା ହୋଇଥିଲା। ଜିଲା(ବିଏମ୍‌ସିକୁ ବାଦ୍ ଦେଇ)ରେ ଦିନକୁ ୧୫ଶହ କରୋନା ପରୀକ୍ଷା କରାଯାଉଛି। ଏହାକୁ ନିୟନ୍ତ୍ରଣ ପାଇଁ ଜନସାଧାରଣ ସଚେତନ ହେବା ସହ ମାସ୍କ ପିନ୍ଧିବା ଏବଂ ସାମାଜିକ ଦୂରତ୍ୱ ବଜାୟ ରଖି କାର୍ଯ୍ୟ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଅନ୍ୟପଟେ କରୋନା ଯୋଗୁ ଚଳିତ ବର୍ଷ ବିଏମ୍‌ସିକୁ ବାଦ୍ ଦେଇ ଖୋର୍ଦ୍ଧା ଜିଲାର ସମସ୍ତ ପୂଜା ମଣ୍ଡପରେ ହେବାକୁ ଥିବା ଗଣେଶ ପୂଜା ସାର୍ବଜନୀନ ଭାବେ ବନ୍ଦ ଲାଗି ନିଷ୍ପତ୍ତି ହୋଇଛି। ଜିଲାରେ କୋଭିଡ୍ କେୟାର ସେଣ୍ଟରରେ ୧୦୮୭ ଶଯ୍ୟା ରହିଛି। ସଂକ୍ରମିତ ବ୍ୟକ୍ତି ଘରେ ସଙ୍ଗରୋଧରେ ରହି ଡାକ୍ତରଙ୍କ ପରାମର୍ଶକ୍ରମେ ଚିକିତ୍ସିତ ହୋଇପାରିବେ। କୋଭିଡ୍ ପରିଚାଳନା ପାଇଁ ଦୁଇଟି ଟିମ୍ ସ୍କ୍ୱାଡ୍ ଗଠନ କରାଯିବ। ଏହି ଟିମ୍ ବିଭିନ୍ନ ସ୍ଥାନରେ କୋଭିଡ୍ ଗାଇଡ୍‌ଲାଇନ ପାଳନ ହେଉଛି କି ନାହିଁ ତଦାରଖ କରିବେ। ସହରାଞ୍ଚଳ ବସ୍ତିର ପରିଚ୍ଛନ୍ନତା, କରୋନା ସଚେତନତା ଓ ବିଶୋଧନ କରାଯିବ। ବୈଠକରେ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଦଳାଇ, ଏଡିଏମ (ହେଡକ୍ୱାର୍ଟର) ମନୋଜ ପାଢୀ, ଡିଆରଡିଏ ପିଡି ଦିଗନ୍ତ ରାଉତରାୟ, ଖୋର୍ଦ୍ଧା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ ଉପସ୍ଥିତ ଥିଲେ।

## ଜମାକାରୀଙ୍କ ଖାତାରୁ କଟିଥିବା ଟଙ୍କା ଫେରାଇବାକୁ ନିର୍ଦ୍ଦେଶ

ପୁରୀ ଅଫିସ,୧୮।୮

ସ୍ଥାୟୀ ଲୋକ ଅଦାଲତ ମଙ୍ଗଳବାର ଏକ ମାମଲାର ବିଚାର କରି ଜମାକାରୀଙ୍କ ଖାତାରୁ କଟିଥିବା ଟଙ୍କା ଫେରାଇବା ସହ ହଜାର ଟଙ୍କା କ୍ଷତିପୂରଣ ଦେବା ପାଇଁ ଏସ୍‌ବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି। ବୀରେନ୍ଦ୍ର ବେହେରା ନାମକ ଦରଖାସ୍ତକାରୀଙ୍କ ଏସ୍‌ବିଆଇରେ ଜମାଖାତା ରହିଛି। ୨୦୧୭ରେ ଏସ୍‌ସିଏସ୍ କଲେଜ ଛକସ୍ଥିତ ଏଟିଏମ୍‌ରୁ ସେ ୧୦ ହଜାର ଟଙ୍କା ଉଠାଇବା ପାଇଁ ଯାଇଥିଲେ। ମାତ୍ର ଟଙ୍କା ବାହାରି ନ ଥିଲା। ତାଙ୍କର ଜମା ଯାଞ୍ଚ କରିବାରେ କୌଣସି ଟଙ୍କା କଟି ନ ଥିବା ଦେଖିଥିଲେ। ୧୦ ମାସ ପରେ ଅର୍ଥାତ୍ ଡିସେମ୍ବର ୨୨ରେ ତାଙ୍କ ଜମା ଖାତାରୁ ୧୦ ହଜାର ଟଙ୍କା କଟାଯାଇଥିଲା। ତେଣୁ ସେ ବ୍ୟାଙ୍କ ମୁଖ୍ୟ ପରିଚାଳକ ଓ ଏଟିଏମ୍ ପ୍ରବନ୍ଧକଙ୍କ ସହ ଯୋଗାଯୋଗ କରି ସେମାନଙ୍କ ଉତ୍ତରରେ ସନ୍ତୁଷ୍ଟ ନ ହୋଇ ଲୋକ ଅଦାଲତରେ ଆବେଦନ କରିଥିଲେ। ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ମହାପାତ୍ର, ସଦସ୍ୟ ଡ. ଦେବପ୍ରସାଦ ଦାଶ ଓ ପ୍ରଭାତ ରଞ୍ଜନ ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଦରଖାସ୍ତକାରୀଙ୍କୁ କଟିଥିବା ଟଙ୍କା ସହ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଏସ୍‌ସିବି କାଜୁଆଲଟି ସ୍ଥିତି ଖରାପ

କଟକ ଅଫିସ,୧୮।୮

- ଚିହ୍ନଟ ପରେ ଅପେକ୍ଷା କରି ରହୁଛନ୍ତି ଆକ୍ରାନ୍ତ
- କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତରରେ ବିଳମ୍ବ
- ଶଯ୍ୟା ଅଭାବରୁ ହୋଇପାରୁନି ସ୍ଥାନାନ୍ତର
- ୭ ବିଭାଗରୁ ୨୦ରୁ ଅଧିକ ପଜିଟିଭ ଚିହ୍ନଟ

ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର କାଜୁଆଲିଟି ଓ ଆଇସୋଲେଶନ ୱାର୍ଡରେ ସ୍ଥିତି ଖରାପ ରହିଛି। କାଜୁଆଲିଟିରୁ ସୋମବାର ଜଣେ ରୋଗୀ ଚିହ୍ନଟ ହୋଇଥିଲେ। ଅନେକ ଚେଷ୍ଟା ପରେ ତାଙ୍କୁ ମଙ୍ଗଳବାର ସନ୍ଧ୍ୟାରେ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏବେ ଯାଏ ଆହୁରି ୪ ଜଣ ରୋଗୀ କାଜୁଆଲିଟିରେ ଅପେକ୍ଷା କରି ରହିଛନ୍ତି। ସେମାନଙ୍କୁ ସ୍ଥାନାନ୍ତର କରାଯାଇ ନ ଥିବାରୁ ପାଖରେ ଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଆତଙ୍କିତ ହୋଇପଡ଼ିଛନ୍ତି। ସେହିପରି କାଜୁଆଲିଟିର କର୍ମଚାରୀ ମଧ୍ୟ କାମ ବେଳେ ଆଶଙ୍କାରେ ରହିବା ସହ ଏନେଇ ସିଡିଏମ୍‌ଓ ଏବଂ ହସ୍ପିଟାଲ ଅଧୀକ୍ଷକଙ୍କୁ ବାରମ୍ବାର ଜଣାଇଛନ୍ତି। କିନ୍ତୁ କିଛି କୌଣସି ସୁଫଳ ମିଳି ନ ଥିବା ସେମାନେ କହିଛନ୍ତି। କୌଣସି କୋଭିଡ୍ ହସ୍ପିଟାଲରେ ଶଯ୍ୟା ଖାଲି ନ ଥିବାରୁ ଏସ୍‌ସିବିରେ ଏଭଳି ସ୍ଥିତି ଉପୁଜିଛି ବୋଲି ଅଧିକାରୀମାନେ କହିଛନ୍ତି। ଆଇସୋଲେଶନ ୱାର୍ଡରୁ କେବଳ ଆକ୍ରାନ୍ତଙ୍କ ସଂଖ୍ୟା ୧୦୦ ଟପିଲାଣି। ମଙ୍ଗଳବାର ଏଠାରୁ ବିଭିନ୍ନ ରୋଗରେ ଆକ୍ରାନ୍ତ ଥିବା ୫ ଜଣଙ୍କ ମୃତ୍ୟୁ ହୋଇଛି।

ଅନ୍ୟପକ୍ଷରେ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ସବୁ ଦିନ ଅପେକ୍ଷା ମଙ୍ଗଳବାର ରେକର୍ଡ ସଂଖ୍ୟକ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ପ୍ରାୟ ୭ଟି ବିଭାଗରୁ ୨୦ରୁ ଅଧିକ ପଜିଟିଭ ଚିହ୍ନଟ ହେବା ସହ ଆଇସୋଲେଶନ ୱାର୍ଡରେ ୫ ଜଣଙ୍କ ମୃତ୍ୟୁ ହୋଇଛି। ଇଏନ୍‌ଟି ବିଭାଗରୁ ଜଣେ ଡାକ୍ତରଙ୍କ ସମେତ ୪ ଜଣ କର୍ମଚାରୀ ଆକ୍ରାନ୍ତ ହୋଇଛନ୍ତି। ସେହିପରି ନେଫ୍ରୋଲୋଜି ବିଭାଗ ଆଉଟ୍‌ଡୋରରୁ ୩ ରୋଗୀ ଓ ଜଣେ ରୋଗୀଙ୍କ ସମ୍ପର୍କୀୟ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହା ବ୍ୟତୀତ ନ୍ୟୁରୋ ସର୍ଜରୀ ବିଭାଗରୁ ୧, ସ୍ତ୍ରୀରୋଗ ବିଭାଗ ଆଉଟ୍‌ଡୋରରୁ ୧ ଓ ପାଥୋଲୋଜି ବିଭାଗର ଜଣେ କିରାଣିଙ୍କ ରିପୋର୍ଟ ପଜିଟିଭ ବାହାରିଛି। କ୍ୟାନ୍ସର ହସ୍ପିଟାଲରୁ ୨ଜଣଙ୍କ ଆଣ୍ଟିଜେନ ରିପୋର୍ଟ ପଜିଟିଭ ଆସିଛି।

### ଜିଲାରୁ ୧୮ ଦିନରେ ୧୭ଶହ ଆକ୍ରାନ୍ତ

କଟକ ଜିଲାର ଗ୍ରାମାଞ୍ଚଳରୁ ସହରରେ କରୋନା ସ୍ଥିତି ଅସମ୍ଭାଳ ହୋଇପଡ଼ିଲାଣି। ବିଶେଷ କରି ଅଗଷ୍ଟରେ ସହରରେ ସଂକ୍ରମଣ ଦ୍ରୁତ ଗତିରେ ବଢୁଛି। ଚଳିତ ମାସର ୧୮ ଦିନ ମଧ୍ୟରେ ୧୭ ଶହ ଆକ୍ରାନ୍ତ ଚିହ୍ନଟ ହୋଇସାରିଲେଣି। ମଙ୍ଗଳବାର ଜିଲାରେ ମୋଟ ୧୮୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିରୁ ସହରରେ ୧୪୭ ଜଣ ରହିଛନ୍ତି। ଯାହା ଅଗଷ୍ଟରେ ଗୋଟିଏ ଦିନରେ ସର୍ବାଧିକ ଅଟେ। ସେହିପରି ଜିଲାରେ ମଧ ମଙ୍ଗଳବାର ସର୍ବାଧିକ ପଜିଟିଭ ବାହାରିଛନ୍ତି। କଟକ ସହରରେ ଚିହ୍ନଟଙ୍କ ମଧ୍ୟରୁ ଚାଉଳିଆଗଞ୍ଜରୁ ସର୍ବାଧିକ ୨୮, ଥୋରିଆ ସାହିରୁ ୧୭, ମଠସାହିରୁ ୧୫, ନୂଆବଜାରରୁ ୧୩, ବକ୍ସିବଜାରରୁ ୫, ଖାନନଗରରୁ ୪, ବିଡ଼ାନାସୀ ଓ ତୁଳସୀପୁର ଅଞ୍ଚଳରୁ ୩ ଜଣ ଲେଖାଏ ପଜିଟିଭ ବାହାରିଛନ୍ତି। ଗ୍ରାମାଞ୍ଚଳରେ ନରସିଂହପୁରରୁ ସର୍ବାଧିକ ୮, ଟାଙ୍ଗୀରୁ ୬, ନିଆଳି ଓ କଟକ ସଦର ଅଞ୍ଚଳରୁ ୪ଜଣ ଲେଖାଏ, ନିଶ୍ଚିନ୍ତକୋଇଲି, ସାଲେପୁରରୁ ୩ ଜଣ ଲେଖାଏ ଚିହ୍ନଟ ହୋଇଛନ୍ତି। ସେହିପରି ଅଡ଼ଶପୁର ଓ କଣ୍ଟାପଡ଼ାରୁ ୨ଜଣ ଲେଖାଏ, ଆଠଗଡ଼, ବଡ଼ମ୍ବା, ବାଙ୍କୀ, ମାହାଙ୍ଗା ଅଞ୍ଚଳରେ ଜଣେ ଲେଖାଏ ପଜିଟିଭ ବାହାରିଛନ୍ତି।

